# ତଥାପି ସନ୍ତାନ

ଶ୍ରୀ ସୁଭାଷ ଚନ୍ଦ୍ର ପଟ୍ଟନାୟକ

(ଯେଦିଓ ଗଳ୍ପ ରୂପେ ଏହା ଲିଖିତ, ଏହା କେବଳ ଗଳ୍ପ ନୁହେଁ । ମୁଁ ଜାଣେ, କ୍ୱଚିତ ବ୍ୟତିକ୍ରମ ବ୍ୟତୀତ ବିଦେଶରେ ବାସ କରୁଥିବା ଅଧିକାଂଶ ଓଡ଼ିଆ ନିଜ ପିଲାଙ୍କୁ ଓଡ଼ିଆଭାଷା ଶିଖାଉନାହାନ୍ତି । ଘରକୁ ଆସିଲେ ସେମାନଙ୍କ ସହ ଇଂରେଜୀରେ କଥା ହେବାକୁ ହୁଏ । ଦୀର୍ଘ ଦିନ ପରେ ବିଦେଶରୁ ଦେଶକୁ ବୁଲି ଆସିଥିବା ନାତିଙ୍କ ସହ କଥା ହେବାକୁ ବ୍ୟଗ୍ର ଜଣେ ଜେଜେମା ଯେଉଁ ଅନୁଭୂତି ଅର୍ଜନ କରିଥିଲେ ତାହାର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଏଥିରେ ପ୍ରତିବେଦିତ । ଘଟଣା ସଂପୂର୍ଣ୍ଣ ସତ୍ୟ କିନ୍ତୁ ଚରିତ୍ରଗୁଡ଼ିକର ନାମ ଭିନ୍ନ ଭିନ୍ନ । ରଚନା : ମାର୍ଚ୍ଚ ୨୭, ୧୯୮୨)

**ରାଧା, ଭଲ ଅଛୁ ?**

ରାଧା ନିରବ ।

ଆରେ ଖାଇବୁ ?

କିଛି ଉତ୍ତର ନାହିଁ । କେବଳ ହସ ଆଉ ହସ ।

ହସର ଗୁଞ୍ଜରଣ ଧମନୀର ସ୍ପନ୍ଦନେ ସ୍ପନ୍ଦନେ । ନୟନର କୋଣେ କୋଣେ ହସର ଫଲ୍‌ଗୁ । ମହୀନ୍ଦ୍ରମଣୀ ପ୍ରେମାଶ୍ରୁର ପ୍ଲାବନକୁ ଆଖିର ପତା ତଳେ ଚାପିରଖି, ହୃଦୟର ଅସୁମାରି ଆବେଗକୁ ଆୟତ୍ତ କରି, ଆମେରିକାରୁ ସଦ୍ୟ ଆସିଥିବା ନାତି ରାଧାମୋହନକୁ କଣ କହିବେ, କଣ କହିବେ ବୋଲି ପଚାରି ପକାଇଲେ, ରାଧା, ଭଲଅଛୁ ? ଆରେ, ଖାଇବୁ?

ରାଧାମୋହନ କେବଳ ହସିଲା ।

କୋଡ଼ିଏ ବର୍ଷର ଯୁବକ ରାଧାମୋହନ । ଆମେରିକାରେ ପଢ଼େ । ସେଠି ତାର ବାପା ବିଶ୍ୱମୋହନ ଜଣେ ସ୍ୱନାମଧନ୍ୟ ପ୍ରଫେସର । ଦୁଇ ବର୍ଷର ହୋଇଥିଲା, ବାପମାଆଙ୍କ ସଙ୍ଗେ ଛାଡ଼ିଥିଲା ଓଡ଼ିଶା । ଆଜି ଅଠର ବର୍ଷ ପରେ ଫେରିଛି । ଫେରିଛି ନୁହେଁ, ବୁଲି ଆସିଛି ମାତ୍ର ସପ୍ତାହକ ପାଇଁ ।

ରକ୍ତର ଆହ୍ୱାନ । ପରଂପରାର ଆକର୍ଷଣ । ବାତ୍ସଲ୍ୟର ଅନନ୍ତ ଉତ୍ସ । ମହୀନ୍ଦ୍ରମଣୀଙ୍କ ସମଗ୍ର ଶରୀରରେ ରୋମାଞ୍ଚ , ସମଗ୍ର ହୃଦୟରେ ଉଲ୍ଲାସ , ସମଗ୍ର ଚେତନସତ୍ତା ଆଜି ଆନନ୍ଦ ବିଭୋର ।

କଥା ଆସି କଣ୍ଠରେ ହଜିଯାଏ । ଅଜସ୍ର ଭାବ ଏକାଠି ଫୁଟି ଉଠିବାକୁ ଦାବୀ କରେ । ପଛେଇଯିବାକୁ ପ୍ରତ୍ୟେକ ନାରାଜ । ଏବଂ ଅବଶେଷରେ ପ୍ରଥମେ ପ୍ରକଟିତ ହେବାର ପ୍ରତିଦ୍ୱନ୍ଦିତାରେ ସମସ୍ତେହିଁ ହୋଇଯାଆନ୍ତି ବିଫଳ ।

କଣ୍ଠ ବାଷ୍ପରୁଦ୍ଧ ହୋଇଯାଏ । ଭାଷା ବିସ୍ମୃତ ହୋଇଯାଏ । ଭାବନା ଭାବନାରେ ରହିଯାଏ । କଥା କଣ୍ଠ ଭିତରୁ ପ୍ରକାଶ ପାଇପାରେନା । ମହୀନ୍ଦ୍ରମଣୀ ଚାହିଁ ରହନ୍ତି ଆଦ୍ୟ ଯୌବନର ଉପବନରେ ପ୍ରବେଶ କରୁଥିବା ନାତି ରାଧାମୋହନଙ୍କୁ ।

ଓଡ଼ିଶାରୁ ଆମେରିକା କେତେ ଦୂର? ଦୁଇରୁ କୋଡ଼ିଏ ବର୍ଷର ବ୍ୟବଧାନ କେତେ? କେତେ?

ମହୀନ୍ଦ୍ରମଣୀଙ୍କ ଚକ୍ଷୁରେ ଆନନ୍ଦର ବିହ୍ୱଳ ତରଙ୍ଗ । ସେ ତରଙ୍ଗରେ ଭାସିଉଠେ ଅଠରବର୍ଷ ତଳର ଛବି । ବିଶ୍ୱମୋହନ ହାୱାର୍ଡରେ ଅଧ୍ୟାପକ ଚାକିରୀ ପାଇଲା ପରେ ସ୍ତ୍ରୀ ଓ ଦୁଇ ଶିଶୁପୁତ୍ରଙ୍କୁ ନେଇଯାନ୍ତି ଆମେରିକା ।ବଡ଼ ମନମୋହନ ସେତେବେଳକୁ ଚାରିବର୍ଷ ଓ ସାନ ରାଧାମୋହନ ଦୁଇବର୍ଷର ଶିଶୁ । କଟକରୁ ରେଲ ଯୋଗେ କଲିକତା, କଲିକତାରୁ ଉଡ଼ା ଜାହାଜର ଆଶ୍ରୟ ।

ଆହା ସେହି କୋହଦଗ୍ଧ ବିଦାୟର ବେଳା!

ମନେପଡ଼ିଯାଏ ଗୋଟି ଗୋଟି ହୋଇ ସବୁ କଥା । ସେଦିନ କ୍ରନ୍ଦନରତା ମହୀନ୍ଦ୍ରମଣୀଙ୍କୁ ସାନ୍ତ୍ୱନା ଦେଇ ସ୍ୱାମୀ କ୍ଷିରୋଦଚନ୍ଦ୍ର କହିଥିଲେ, "ଦୁଃଖ କାହିଁକି? ଏହା

ତ ଆମର ଗର୍ବ ଗୌରବର ଦିନ । ଆମରି ସନ୍ତାନ ଯାଇ ଆମେରିକାରେ ଜ୍ଞାନ ବିତରଣ କରିବ, ଆମରି ସଂସ୍କୃତି ଆମେରିକାରେ ପ୍ରସାରିତ ହେବ - ଏହାଠାରୁ ବଳି ଆନନ୍ଦ କଣ ଆଉ ଥାଇପାରେ?" ମହୀନ୍ଦ୍ରମଣୀ କହିଥିଲେ, "ଏ ଯେ ମୋର ଆନନ୍ଦର ଅଶ୍ରୁ, ଏ ଯେ ମୋର ଗର୍ବର ଝଙ୍କାର ! ଏକୁ ତମେ ଦୁଃଖଦଗ୍ଧ କ୍ରନ୍ଦନ ବୋଲି ମନେ କରୁଛ କାହିଁକି?" ସ୍ୱାମୀ କ୍ଷିରୋଦଚନ୍ଦ୍ର ନିରବ ହୋଇଯାଇଥିଲେ। ନିଜ ସହଧର୍ମିଣୀଙ୍କୁ ସ୍ନେହରେ ଆଲିଙ୍ଗନ କରିବାକୁ ଦୁର୍ବାର ବାସନା ଜାଗିଉଠି ସଞ୍ଜତ ହୋଇଯାଇଥିଲା । ମହୀନ୍ଦ୍ରମଣୀ ସାର୍ଥକ ପତ୍ନୀତ୍ୱ ଓ ସଫଳ ମାତୃତ୍ୱର ଆନନ୍ଦ-ମଧୁର ଭାବାବେଶରେ କରୁଣାମୟ ଜଗନ୍ନାଥଙ୍କୁ ଜଣାଇଥିଲେ ସକୃତଜ୍ଞ ନମସ୍କାର ।

ଅଠର ବର୍ଷ ବିତିଗଲାଣି ଏ ଭିତରେ !

ନିତି ନିତି ମହୀନ୍ଦ୍ରମଣୀ କେତେ ଯେ ସ୍ୱପ୍ନ ନ ଦେଖିଛନ୍ତି ଏହି ଅଠର ବର୍ଷ ଭିତରେ !

ନାତି ଦିହେଁ ବଡ଼ ହେଲେଣି । ପୃଥିବୀର ବିଖ୍ୟାତ ଶିକ୍ଷାନୁଷ୍ଠାନର ଦ୍ୱାର ସେମାନଙ୍କ ପାଇଁ ଉନ୍ମୁକ୍ତ ହୋଇଯାଇଛି । ପଢ଼ାରେ ଭାରି ଆଗ୍ରହ ଦୁଇ ନାତିଙ୍କର । ପୁଅ ବିଶ୍ୱମୋହନଠାରୁ ଚିଠି ପାଆନ୍ତି ମହୀନ୍ଦ୍ରମଣୀ । ଚିଠିକୁ ଚାହିଁ ବସିଥାନ୍ତି । ସେ ଚିଠିର ପ୍ରତି ଶବ୍ଦକୁ ତୁହାଇ ତୁହାଇ ପଢ଼ନ୍ତି । ଅକ୍ଷରଗୁଡ଼ିକ ଝାପ୍ସା ଝାପ୍ସା ହୋଇଯାଏ । ଧିରେ ଧିରେ ଫୁଟିଉଠେ ସେହି ବିଦାୟ ବେଳାର ଦୃଶ୍ୟ । ଫୁଟିଉଠେ ଦୂରକୁ ଦୂରକୁ ଚାଲିଯାଉଥିବା ପୁଅ ବୋହୂଙ୍କ ରୂପ : ବୋହୂ କୋଳରେ ଦୁଇ ବର୍ଷର ରାଧା ଏବଂ ସଞ୍ଜତ, ସତର୍କ ପଦ ଚାଳି, ବାପର ହାତ ଧରି ଆସ୍ତେ ଆସ୍ତେ ଆଗେଇ ଯାଉଥିବା ବଡ଼ ନାତି ମନମୋହନ ।

ସମସ୍ତଙ୍କ ଅଜ୍ଞାତରେ ଚିଠିଟିକୁ ଛାତିରେ ଚାପି ଧରନ୍ତି ମହୀନ୍ଦ୍ରମଣୀ । ସତେ ଯେମିତି ସେଇ ଚିଠିଟି ଭିତରେ ସେ ଆଲିଙ୍ଗନ କରିଛନ୍ତି ତାଙ୍କ ପୁଅ, ବୋହୂ ଏବଂ ନାତି ଦୁହିଁଙ୍କୁ !

ମହୀନ୍ଦ୍ରମଣୀ ସ୍ୱଭାବତଃ ଗମ୍ଭୀର । ତାଙ୍କ ଭିତରର ଚିତ୍ର ସେ ଏକାହିଁ ଜାଣନ୍ତି । ସାଗର ପରି ଗଭୀର ତାଙ୍କ ମମତା; ଆକାଶ ପରି ଉଦାସ ତାଙ୍କ ଚଳଣି । ସେ ହସିଲେ

ଅଳ୍ପ ହସନ୍ତି; ଅଳ୍ପ ଲୋକ ଜାଣନ୍ତି ତାଙ୍କର ହସ । ସେ କାନ୍ଦିଲେ ପ୍ରଚୁର କାନ୍ଦନ୍ତି; ସେ କାନ୍ଦ କିନ୍ତୁ ତାଙ୍କ ଭିନ୍ନ କେହି ଜାଣେ ନାହିଁ, କେହି ବି ଜାଣିବା ସହଜ ହୁଏନାହିଁ ।

ସକାଳୁ ଶୋଇବା ପର୍ଯ୍ୟନ୍ତ ସେ ନିରଳସ ଭାବେ ସ୍ୱାମୀଙ୍କର ସଂସାର ଜଞ୍ଜାଳ ବହନ କରି ଚାଲନ୍ତି । ଘରଦ୍ୱାର ସଫା ସୁତରା କରିବାଠାରୁ ଆରମ୍ଭ କରି ରୋଷେଇ, ପରଷା ଓ ବାସନମଜା; ଠାକୁର ସେବାରୁ ଅତିଥି ସତ୍କାର ସବୁ ସିଏ କରିଥାଆନ୍ତି, ସ୍ୱାମୀଙ୍କ ସେବାପାଇଁ, ସ୍ୱାମୀଙ୍କ ତୃପ୍ତିପାଇଁ, ରୁଗ୍‌ଣ ଶରୀର ସତ୍ତ୍ୱେ ।

ସ୍ୱାମୀ କ୍ଷିରୋଦଚନ୍ଦ୍ର ଚୈତନ୍ୟ-ପ୍ରେମୀ । ସରକାରୀ ଚାକିରୀରୁ ଅବସର ନେବା ପରେ ସମସ୍ତ ସମୟ ଦେଇ ସେ ଚୈତନ୍ୟଙ୍କ ପ୍ରଚାରକୁ ହିଁ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି । ତାଙ୍କର ବିଶ୍ୱାସ ଯେ ଶାସ୍ତ୍ର ପୁରାଣର କୌଣସି ଗୋଟିଏ ଉପଦେଶ ଚରିତ୍ରାୟିତ ନ କରି ମଧ୍ୟ କେବଳ ଚୈତନ୍ୟଙ୍କ ଚରିତ୍ର ବଖାଣି ବୁଲିଲେ ଜୀବନ ସାର୍ଥକ ହୋଇଯିବ। ମହୀନ୍ଦ୍ରମଣୀଙ୍କୁ ସେଥିପାଇଁ ସମସ୍ତ ଗୃହ ଜଞ୍ଜାଳ ସ୍ଥଗିତ ରଖି ମଝିରେ ମଝିରେ କ୍ଷିରୋଦଚନ୍ଦ୍ରଙ୍କ କଣ୍ଠ ନିଃସୃତ ଚୈତନ୍ୟ ଚରିତ ଶ୍ରବଣକରିବାକୁ ପଡ଼ିଥାଏ ଓ ସ୍ଥଗିତଥିବା ଜଞ୍ଜାଳ ଶେଷ କରିବାପାଇଁ  ଅଧିକ ରାତ୍ରି ପର୍ଯ୍ୟନ୍ତ ଚେଇଁ ରହି କାମ କରିବାକୁ ହୋଇଥାଏ । କର୍ମକ୍ଳାନ୍ତ ଜୀବନରେ ଯେତେବେଳେ ଟିକେ ବିଶ୍ରାମ ମିଳେ, ସେ ଆଖି ବୁଜି ଆମେରିକା କେତେ ଦୂର ଅନୁମାନ କରିବାକୁ ଚେଷ୍ଟା କରନ୍ତି ।

ତାଙ୍କର ମନ-ପକ୍ଷୀ ସମସ୍ତ ଦୂରତା ଅତିକ୍ରମ କରି ଆମେରିକାରେ ପହଞ୍ଚିଯାଏ । ବେଳେ ବେଳେ ସ୍ୱପ୍ନରେ ମଧ୍ୟ ଭାସି ଉଠେ ସେଇ ଆମେରିକାର ଏକ କାଳ୍ପନିକ ଛବି । ତାଙ୍କୁ ପ୍ରତୀତ ହୁଏ ଯେପରିକି ତାଙ୍କର ନାତି ଦୁହେଁ ବିଦ୍ୟାଳୟରୁ ଫେରି ଘରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇଯାଇଛି । ଘରେ ପୂଜା ପାଉଥିବା ଶ୍ରୀଜଗନ୍ନାଥଙ୍କ ସମୀପରେ ଜଳିଉଠିଲାଣି ସାନ୍ଧ୍ୟଦୀପ । ଦୁଇଭାଇ ଗୋଡ଼ ହାତ ଧୋଇ ଦଉଡ଼ିଆସି ସାଷ୍ଟାଙ୍ଗ ପ୍ରଣିପାତ କରୁଛନ୍ତି ବିନୟରେ ଏବଂ ତଦ୍‌ଗତ କଣ୍ଠରେ, ବିନମ୍ର ଭାବାବେଶରେ ଗାଇ ଉଠୁଛନ୍ତି ପ୍ରଭୁ ଜଗନ୍ନାଥଙ୍କ ବନ୍ଦନା ! ପଡ଼ିଶା ଆମେରିକୀୟ ପରିବାରର ପୁଅଟି, ଯେ କି ତାଙ୍କ ସାନ ନାତି ସହ ପାଠ ପଢ଼େ, ପଚାରେ, "ରାଧା, ତମେ ଏ କାହାର ପୂଜା କରୁଛ? ଏ ତ କ୍ରୁଶବିଦ୍ଧ ଯିଶୁ ନୁହନ୍ତି !" ରାଧା କହେ, "ଯିଶୁ ଯେପରି ଖ୍ରୀଷ୍ଟିୟାନମାନଙ୍କ ଇଷ୍ଟ , ଏ

ସେମିତି ଓଡ଼ିଆ ଜାତିର ଇଷ୍ଟ , ତାର ପ୍ରାଣପ୍ରିୟ ଶ୍ରୀ ଜଗନ୍ନାଥ । ଓଡ଼ିଆ ଜାତିର ସେ ମାତା , ସେ ପିତା , ସେ ସଖୀ , ସେ ସଖା , ସେ ସବୁ କିଛି । ସେ ଓଡ଼ିଆ ଜାତିର ସାମାଜିକ ସତ୍ତାର ସ୍ଥୂଳରୂପ । ସେ ଓଡ଼ିଆ ଜାତିର ଏକକ , ପୁଣି ସାମୂହିକ ପରିଚୟର ସାମଗ୍ରିକ ସ୍ୱରୂପ । ସେହେତୁ ସେ ଜାତିଭେଦର ସଂପୂର୍ଣ୍ଣ ପରପନ୍ଥୀ । ସେ ହେଉଛନ୍ତି ଏକମାତ୍ର ଦେବତା ଯେଉଁଠି ବ୍ରାହ୍ମଣଙ୍କ ଆଧିପତ୍ୟ ନାହିଁ, ଯେଉଁଠି ପୂଜକର ଆଧିପତ୍ୟ ନାହିଁ, ଯେଉଁଠି ଆଧ୍ୟାତ୍ମିକତାର ବ୍ୟବସାୟ ନାହିଁ, ବର୍ଣ୍ଣବୈଷମ୍ୟବାଦର ବ୍ୟବହାର୍ଯ୍ୟତା ନାହିଁ । ସେ ସ୍ୱୟଂ ବୁଦ୍ଧ । ସେ ତା ମାଟିରୁ ସମ୍ଭୂତ ଆଦିତ୍ୟ ସୂର୍ଯ୍ୟ । ସେ ତାର ସଂସ୍କୃତିର ସଂସ୍ଥାପକ । ସେ ତାର ଶାନ୍ତ ସନ୍ତୁଷ୍ଟ ସ୍ୱଭାବର ମୂଳ ଭିତ୍ତି । ତାର ସ୍ୱାଭିମାନର ମୂଳାଧାର । ସମସ୍ତ ମାନବିକ କଳ୍ପନାର ଦିଗ୍‌ବଳୟ ଆରପଟେ ଯେଉଁ ଚେତନା-ମଣ୍ଡଳ ଅଛି ସେହି ଚେତନା-ମଣ୍ଡଳର ସର୍ବବ୍ୟାପୀ ଅସୀମତା ସାନ୍ଦ୍ର ହୋଇ ଯାହାର ଅପଘନରେ ଶକ୍ତିଦାତ୍ରୀ ନିଦ୍ରା ପରି ଗଭୀର କୃଷ୍ଣ ରଙ୍ଗ ଧାରଣ କରିଥାଏ , ଏ ହେଉଛନ୍ତି ସେହି ପରମ କାରୁଣିକ ଗୁରୁଦେବ ବୁଦ୍ଧ , ସେହି ନୀଳକନ୍ଦର ନିବାସୀ ପ୍ରଭୁ ଜଗନ୍ନାଥ । ଆମେ ଓଡ଼ିଆଏ ତାଙ୍କର ଆଜନ୍ମ ଅନୁଗତ, ଆଜନ୍ମ ସେବକ । ସେ ଆମ ଭାଷାର ଭାବ , ସେ ଆମ ସତ୍ୟାନୁସନ୍ଧିତ୍ସାର ଅନିର୍ବଚନୀୟ ଅନୁଭବ । ସେ ଆମ ବିଶ୍ୱବୋଧ , ଆମ ବିଶ୍ୱଚେତନା , ଆମ ବିଶ୍ୱଦୃଷ୍ଟିଭଙ୍ଗୀର ଉଦ୍ଦୀପ୍ତ ଅଭିବ୍ୟକ୍ତି । ସାରା ବିଶ୍ୱରେ ଓଡ଼ିଆ ଜାତି ଯଦି ସବୁଠୁ ବେଶୀ ଉଦାର , ତାର କାରଣ ସେ ହିଁ । ସେ ହିଁ ଆମ ଜାତିର ମୂଳ ଆଧାର । ଆମ ଜାତୀୟ ଦର୍ଶନର ଅକ୍ଷୟ ଭଣ୍ଡାର । ସେ ଆମର ସବୁଠୁ ଅଧିକ ଆପଣାର , ସବୁଠୁ ଅଧିକ ପ୍ରିୟ । କାୟ ମନୋବାକ୍ୟରେ ତାଙ୍କର ସେବାକରିବା ଓ ଚିନ୍ତା ଏବଂ ଚଳଣିରେ ତାଙ୍କ ଭେଦଭାବ ବିରୋଧୀ ଆଦର୍ଶକୁ ଅଭ୍ୟାସ କରିବା ହିଁ ହେଉଛି ଆମ ଓଡ଼ିଆଙ୍କ ନିଜସ୍ୱ ଏବଂ ମୌଳିକ ସଂସ୍କୃତି ।"

ମହୀନ୍ଦ୍ରମଣୀଙ୍କୁ ଲାଗେ, ରାଧାର କଥା ଶୁଣି ଆମେରିକୀୟ ତରୁଣଟି ବିସ୍ମୟ ବିସ୍ଫାରିତ ନେତ୍ରରେ ଚାହିଁ ରହେ । ଗୋଟିଏ ଜାତିର ପ୍ରତି ରକ୍ତ କଣିକାରେ ଦେବତାର ଏପରି ଗମ୍ଭୀର ଆସ୍ଥାନ ! ସେ ନତ ମସ୍ତକ ହୁଏ । ମାତ୍ର ପର କ୍ଷଣରେ ତାର ଅନିସନ୍ଧିତ୍ସୁ ମନ ପଚାରି ବସେ , "ଓଡ଼ିଆ ବୋଲି ନିଜକୁ ତମେ କହୁଛ କାହିଁକି ରାଧା? ତମେ ପରା

ଭାରତୀୟ?" ରାଧା ହସି ହସି ଉତ୍ତର ଦିଏ, "ଭାରତ ତ ଅନୈକ୍ୟରେ ଏକତ୍ୱର ଏକ ମହା ଉଦ୍ୟାନ । ଏହି ଉଦ୍ୟାନରେ ବିଭିନ୍ନ ମୌଳିକ ରୂପ ଓ ମହକ ନେଇ ନାନାବିଧ ପୁଷ୍ପ ଏହାର ଶୋଭା ବର୍ଦ୍ଧନ କରୁଛନ୍ତି । ପ୍ରତିଟି ପୁଷ୍ପର ରହିଛି ନିଜସ୍ୱ ପରିଚୟ , ନିଜସ୍ୱ ପ୍ରକାଶ-ପରଂପରା । ଓଡ଼ିଶା ଏହିପରି ଏକ ପୁଷ୍ପ । ଓଡ଼ିଶାର ସନ୍ତାନ ନିଜକୁ ଓଡ଼ିଆ ବୋଲି ପରିଚିତ କରାଏ । ଏବଂ ଏହାହିଁ ମୋର ଜାତି , ମୋ ଓଡ଼ିଆ ଜାତି । ପ୍ରତିଟି ପୁଷ୍ପର ପୂର୍ଣ୍ଣ ପ୍ରସ୍ଫୁଟନ ଦ୍ୱାରା ଯେପରି ଉଦ୍ୟାନର ଶୋଭା ବର୍ଦ୍ଧିତ ହୁଏ ସେହିପରି ମୋ ଦେଶର ପ୍ରତିଟି ପ୍ରଦେଶର ନିଜସ୍ୱ ସଂସ୍କୃତିର ମଞ୍ଜରୀତ ବିକାଶରେହିଁ ଭାରତୀୟ ମହାଜାତି ଗୌରବ ବିମଣ୍ଡିତ । ଏବଂ ଏହାହିଁ ଭାରତର ବିଶେଷତ୍ୱ । ଏହି ହେତୁ ମୁଁ ଭାରତୀୟ ହେଲେ ମଧ୍ୟ ମୌଳିକତଃ ଓଡ଼ିଆ , ଓଡ଼ିଶା ମୋର ମାତୃଭୂମି; ଓଡ଼ିଆଭାଷା ମୋର ମାତୃଭାଷା । ଏବଂ, ଏହି ଦିଅଁ , ଜଗନ୍ନାଥ , ମୋର ମାତୃଦିଅଁ , ମାଦଳା ।"

ଭାବରାଜ୍ୟରେ ସୁଦ୍ଧା ମହୀନ୍ଦ୍ରମଣୀ ଚମକି ପଡ଼ନ୍ତି । ମାତୃଦିଅଁ , ମାତୃଭାଷା ! ତାଙ୍କ ରାଧାର କଣ୍ଠରେ ତାଙ୍କରି ଭାଷାର ସ୍ତବଗାନ ! ମାତୃଭାଷା , ତାଙ୍କରି ମାତୃଭାଷା , ମାତୃ ପରଂପରାକ୍ରମେ ଆବହମାନ କାଳରୁ ଯାହା ତାଙ୍କ ରକ୍ତର କଣିକାରେ କଣିକାରେ ସଜୀବ ହୋଇରହିଛି , ସେହି ମାତୃଭାଷାର ସ୍ତବଗାନ , ସେହି ସୁଦୂର ଦେଶରେ ବି!

ମହୀନ୍ଦ୍ରମଣୀଙ୍କ ମନ ବ୍ୟାକୁଳ ହୋଇଉଠେ ସେହି ଅମୃତ-ମଧୁର ସ୍ୱପ୍ନରାଜ୍ୟରେ ପୁନର୍ବାର ବିଚରଣ କରିବାକୁ । ତାଙ୍କର ମନେହୁଏ- ସତେ ଯେମିତି ରାଧା ତାର ସାଥୀ ଆମେରିକୀୟ ଯୁବକଟିକୁ ଜଗନ୍ନାଥଙ୍କ ଭଜନ ଗାଇ ଶୁଣାଉଛି । ଆମେରିକୀୟ ଭାଷା ଆହରଣ କରିଥିବାର ଋଣ ପରିଶୋଧ କରିବାପାଇଁ ଯେତିକି , ତା ଠାରୁ ଅଧିକ , ମାତୃଭାଷାର ପ୍ରଶସ୍ତିଗାନ ଭିତରେ ମାତୃ ପରଂପରାର ପୂଜା କରିବାପାଇଁ, ସେ ଗାଉଛି ଓଡ଼ିଆରେ ଜଗନ୍ନାଥ ଭଜନ, ଯାହାର ରେକର୍ଡ ବିଶ୍ୱମୋହନ ନେଇଯାଇଥିଲେ ଗଲାବେଳେ, ସାଙ୍ଗରେ । ତା କଣ୍ଠରେ ଜାଗିଉଠୁଛି ଓଡ଼ିଆ ସଂସ୍କୃତି ସେଇ ସୁଦୂର ଆମେରିକାରେ ; ଜାଗିଉଠୁଛି ଓଡ଼ିଶାର ମାତୃ ପରଂପରା । ମହୀନ୍ଦ୍ରମଣୀ ସ୍ୱପ୍ନାବେଶରେ ହସି ହସି ପ୍ରଭୁ ଜଗନ୍ନାଥଙ୍କୁ ଜୁହାର ହୁଅନ୍ତି ଓ କହନ୍ତି , "ହେ ପ୍ରଭୁ ! ଯେତେ ଦୂରରେ ଥିଲେ ବି ସେମାନେ ତ ତମରି ସନ୍ତାନ ! ସେମାନଙ୍କୁ ଭୁଜତଳେ ଆଶ୍ରୟ ଦେଇଥାଅ ପ୍ରଭୁ !"

ଆଜି ଅଠର ବର୍ଷ ପରେ ନାତି ରାଧାମୋହନକୁ ଦେଖି ସେହି ସ୍ୱପ୍ନ , ସେହି ସବୁ ହସକାନ୍ଦର ଭାବାଛନ୍ନ ମୂହୁର୍ତ୍ତଗୁଡ଼ିକ ମନେ ପଡୁଛି ।

ମନେ ପଡୁଛି , ଯେଉଁ ଦିନ ଚିଠି ଆସିଲା – ବିଶ୍ୱମୋହନ ଲେଖିଥିଲେ ଯେ ସପ୍ତାହକପାଇଁ ରାଧା ଓଡ଼ିଶାକୁ ଯିବ , ସେଦିନ ମହୀନ୍ଦ୍ରମଣୀଙ୍କ ହୃଦୟରେ କିପରି ବାଜିଉଠିଥିଲା ଅୟୁତ କୋକିଳର କୁହୁଧ୍ୱନୀ ! ଦି ବର୍ଷର ସେଇ ଯେ ଛୋଟ ଶିଶୁଟିକୁ ଛାତିରେ ଚିପି ଚିପି ସେ ବଢ଼ାଇଦେଇଥିଲେ ତା ମାଆର କାଖକୁ ବିଦାୟ ବେଳାରେ , ସେ ଆସୁଛି ! ହେଉ ପଛେ କେବଳ ସପ୍ତାହକପାଇଁ, ସେ ଆସୁଛି ତ ! ତାକୁ ବିଦାୟ ଦେବା ବେଳର କଥା ମନେପଡୁଛି । ଆଖିର ଲୁହ ପୋଛି ଓଠରେ ହସ ଫୁଟାଇବାକୁ ଚେଷ୍ଟା କରୁ କରୁ ଯେଉଁ ଶିଶୁଟିର ଲାଲ୍ ଟୁକ୍‌ଟୁକ୍ ଓଠର ସରଳ ତରଳ ହସକୁ ଚାହିଁ ନୟନ ତାଙ୍କର ମନା ନ ମାନି ଅଶ୍ରୁଳ ହୋଇଉଠିଥିଲା, ସେଇ ଶିଶୁ ଆଜି ଅଠରବର୍ଷ ପରେ ଫେରୁଛି ! କେଡ଼େଟିଏ ହୋଇଥିବ?

ମୂହୁର୍ତ୍ତେ ଅବସର ପାଇଲେ ମହୀନ୍ଦ୍ରମଣୀ ବିଶ୍ୱମୋହନଙ୍କ ଚିଠିର ସେଇ ଧାଡ଼ିଟି ପଢ଼ିପକାଉଥିଲେ । ରାଧା ଆସିବ । ମନେ ମନେ ଚିନ୍ତା କରୁଥିଲେ – କଣ ସବୁ ତାକୁ ଖୁଆଇବେ, କଣ ସବୁ ତାକୁ କହିବେ । ସେ କିଛି ଗପ ଶୁଣିବାକୁ ଜିଗର କରିବକି , ଯେପରି ତାର ବାପା କରୁଥିଲା? ନିଜ ବଡ଼ପୁଅର ପିଲାଦିନ କଥା ମନେପକାଇ ମହୀନ୍ଦ୍ରମଣୀ ଭାବାବିଷ୍ଟ ହୋଇପଡ଼ିଲେ ମୂହୁର୍ତ୍ତେ ଓ ତାପରେ ଭାବିଲେ – ଆମେରିକାର ଗପଗୁଡ଼ିକ ରାଧା ନିଶ୍ଚୟ ବନେଇଚୁନେଇ କହିବ । ସେ ତାକୁ କଣ କହିବାକୁ କହିବେ, କଣ କଣ ପଚାରିବେ, ସେ କଥା ସେ ମଧ୍ୟ ମନେ ମନେ ସାଇତି ରଖିଥଲେ ।

ମାତ୍ର ସେଇ ରାଧାକୁ ଆଖି ଆଗରେ ଦେଖି ତାଙ୍କ ମନ ଗହୀରର କୌଣସି କଥା ଫୁଟି ପାରିଲାନି ! ସବୁ ଆବେଗକୁ ଚାପିଦେଇ ବାତ୍ସଲ୍ୟର ଅମୃତ ଧ୍ୱନୀ ଆତ୍ମପ୍ରକାଶ କଲା । ସେ ପଚାରିଲେ, "ଆରେ କଣ ଖାଇବୁ?" ରାଧାର କୌଣସି ଉତ୍ତର ନାହିଁ । ସେ କେବଳ ହସୁଛି । ମହୀନ୍ଦ୍ରମଣୀ ପୁଣି ପଚାରିଲେ, "ଆରେ ଏତେ ହସୁଛୁ କଣ ମଁ? କଅଣ ଖାଇବୁ କହୁନୁ?" ରାଧା ହସିଲା ବନ୍ୟ ପ୍ରପାତ ପରି । କ୍ଷିରୋଦବାବୁ କହିଲେ, "ତମେ ତାକୁ ଓଡ଼ିଆରେ କହିଲେ ସେ କଣ କହିବ? ସେ କଣ ଓଡ଼ିଆ ଭାଷା ଜାଣେ?ତମକୁ

କହିବାକୁ ମନେ ନାହିଁ, ପୁଅ ଟେଲିଫୋନ କରିଥିଲା, ତାକୁ ଇଂରାଜୀରେ କଥା କହିବାକୁ ହେବ ବୋଲି ।"

ନିଆଁ ହୁଳାରେ ଚିଆଁ ଖାଇଲା ପରି ଚମକି ପଡ଼ିଲେ ମହୀନ୍ଦ୍ରମଣୀ । ରାଧା ବୁଝିପାରୁନାହିଁ ତାର ଜେଜେମା କଣ କହୁଛନ୍ତି !?!

ସେ କେବଳ ହସୁଛି । ହସୁଛି କି ଉପହାସ କରୁଛି ଓଡ଼ିଆର ମାତୃ ପରଂପରାକୁ? ଓଡ଼ିଆର ମାତୃଭାଷା , ତାର ସଂସ୍କୃତିକୁ?

ଏହା କଣ ସମ୍ଭବ? ଏହା କିପରି ସମ୍ଭବ??ତାଙ୍କ ପୁଅ ଏତେ ବଡ଼ ପ୍ରଫେସର । ନିଜ ପୁଅକୁ ସେ ଓଡ଼ିଆ ଶିଖାଇ ନାହିଁ? ନିଜର ମାତୃଭାଷା ଶିଖାଇନାହିଁ?ନିଜ ମାଆ ପାଇଁ ଗର୍ବ କରିବାର କିଛି ନାହିଁ ତାଙ୍କ ପୁଅର? ନିଜ ମାତୃଭାଷା ପାଇଁ ଅନୁରକ୍ତ ହେବାର କୌଣସି ଆବଶ୍ୟକତା ସେ ଅନୁଭବ କରିନାହିଁ?ଏହା କିପରି ସମ୍ଭବ? କିପରି ସମ୍ଭବ??ସେ ଯେ ଗଲାବେଳେ ସାଙ୍ଗରେ ଓଡ଼ିଆ ଭଜନର ରେକର୍ଡ ସବୁ ନେଇଥିଲା ! ମଝିରେ ମଝିରେ ଦିନେ ଅଧେ ପାଇଁ ବୁଲି ଆସିଲେ ଶ୍ୟାମାମଣୀ, ରାଖାଲ ମହାନ୍ତି, ଅକ୍ଷୟ ମହାନ୍ତି, ପ୍ରଫୁଲ୍ଲ କର, ସିକନ୍ଦର ଆଲାମ୍, ଭିକାରି ବଳ, ପ୍ରଣବ ପଟ୍ଟନାୟକ, ନିମାଇଁ ହରିଚନ୍ଦନ, ବାଳକୃଷ୍ଣ ଦାସ ପ୍ରଭୃତିଙ୍କ କଣ୍ଠ ସଙ୍ଗୀତର ରେକର୍ଡ ଯେ ନେଇଯାଏ ଓଡ଼ିଶାରୁ ! ସେ ସବୁକୁ ସେ କଣ ଲୋକଦେଖାଣିଆ ଭାବେ ନେଇଥାଏ, ବାଟରେ ଫିଙ୍ଗି ଦେଇଯାଏ? ସେ ରେକର୍ଡଗୁଡ଼ିକ କଣ ତା ଆମେରିକା ବସାରେ କେବେ ବି ତୋଳନ୍ତିନାହିଁ ଜୀବନର ଝଙ୍କାର?ସେ ରେକର୍ଡରୁ ପିଲାଦିଇଟା ଅନ୍ତତଃ ନିଜ ମାତୃଭାଷାର ସ୍ୱର ମାଧୁର୍ଯ୍ୟ ତ ଅନୁଭବ କରିପାରିଥାନ୍ତେ, ବୁଝି ତ ପାରିଥାନ୍ତେ କେଉଁ ଓଡ଼ିଆ ଶବ୍ଦର ଅର୍ଥ କଣ ! ସେ କଣ ତେବେ ଘରେ କେବେ ଓଡ଼ିଆରେ କଥା ହୁଏନାହିଁ?ସେ ଯେ ନିଜେ ଓଡ଼ିଆ , ତା ସ୍ତ୍ରୀ ଓଡ଼ିଆ, ତାର ବୁନିଆଦି ଓଡ଼ିଆ ! ଓଡ଼ିଆ ଯେ ସେମାନଙ୍କ ମାତୃଭାଷା ! ହେଲା ବା ବାହାରେ ଇଂରାଜୀରେ କଥାହେବାକୁ ପିଲାମାନେ ବାଧ୍ୟ, ଘରେ ତ ନିଜ ମାତୃଭାଷାରେ କଥା ହେବାରେ ବାଧା ନାହିଁ ! ବାଧା ତ ନାହିଁ ରାଧାର ଓଡ଼ିଆ ଜାଣିବାରେ ! ତେବେ ସେ ଜାଣିନାହିଁ କିପରି? କିପରି ଆଜି କୋଡ଼ିଏ ବର୍ଷର ରାଧା ଓଡ଼ିଆ ଭାଷାରେ ଯୋଡ଼ିଏ ଶବ୍ଦ ବି ବୁଝିବାକୁ ଅକ୍ଷମ?

ମହୀନ୍ଦ୍ରମଣୀଙ୍କ ଭିତରର ମାଆ ଚିତ୍କାର କରିଉଠିଲା ଦୁଃଖରେ । ଅଭିମାନରେ, ଅପମାନରେ, ହତାଶାରେ । କିନ୍ତୁ ତାଙ୍କର ସ୍ୱାଭାବିକ ଗାମ୍ଭୀର୍ଯ୍ୟ ଭିତରେ ସେହି ଚିତ୍କାର ଚିପି ହୋଇ ରହିଗଲା । ରାଧାମୋହନକୁ ମହୀନ୍ଦ୍ରମଣୀ ବିସ୍ମୟରେ ଚାହିଁ ରହିଲେ । କେହି ଜଣେ ଇଂରାଜୀରେ ତାଙ୍କ ପ୍ରଶ୍ନଟି ଜଣାଇଦେଲେ ରାଧାମୋହନକୁ ଏବଂ ତାର ଉତ୍ତରକୁ ମଧ୍ୟ ଓଡ଼ିଆରେ ଅନୁବାଦ କରି ତାଙ୍କୁ କହିଦେଲେ, "ହଁ, ସେ ଖାଇବ ।"

ରାଧା ମୁରୁକି ମୁରୁକି ହସୁଥିଲା । ଆମେରିକାରୁ ବୁଲି ଆସିଥିବା ନାତି ! ହସିବନି? କିନ୍ତୁ ନିଜ ଘରେ ନିଜ ନାତି ସହ କଥା ହେବାକୁ ହେଲେ ଜଣେ ଭାଷାନ୍ତରକାରୀ ଦରକାର ! ମହୀନ୍ଦ୍ରମଣୀ ହସିବେ କି କାନ୍ଦିବେ?

ଅଠର ବର୍ଷ ତଳର କଥା ମନେ ପଡ଼ିଲା । ନାତି ଦୁହିଁଙ୍କୁ ପୁଅବୋହୁଙ୍କ ସହ ବିଦାୟ ଦେଲା ବେଳେ ଉଦ୍ଗତ ଅଶ୍ରୁକୁ ସମ୍ବରଣ କରିବାକୁ ଉପଦେଶ ଦେଇ ସ୍ୱାମୀ କ୍ଷିରୋଦଚନ୍ଦ୍ର କହିଥିଲେ, "ଦୁଃଖ କାହିଁକି? ଆମେରିକାରେ ଆମ ସଂସ୍କୃତିର ପ୍ରଚାର ଓ ପ୍ରସାର କରିବେ ଆମରି ସନ୍ତାନ । ଏ ତ ଆମର ଗର୍ବର କଥା" ! ଏବଂ ଆଖିରୁ ଲୋତକ ପୋଛି ସେ ଉତ୍ତର ଦେଇଥିଲେ, "ଏ ଅଶ୍ରୁ ମୋର ଆନନ୍ଦର ଅଶ୍ରୁ ।" ସତକୁ ସତ ଆଜି ଅଶ୍ରୁ ବୋହିପଡ଼ିବାକୁ ଦାବୀ କରେ : ଆନନ୍ଦରେ ନୁହଁ, ଦୁଃଖରେ । ଗର୍ବରେ ନୁହଁ, ଲଜ୍ଜାରେ ଥରି ଥରି ଅଶ୍ରୁ ତାଙ୍କର ଆଖିର ଡ଼ୋଳା ଫଟାଇ ବାହାରି ଆସିବାକୁ ଅଧୀର ହୋଇଉଠେ । କାହିଁ ତାଙ୍କର ସ୍ୱପ୍ନ , କାହିଁ?

ନିରବରେ ନିଷ୍କ୍ରାନ୍ତ ହୋଇଗଲେ ମହୀନ୍ଦ୍ରମଣୀ । ରାଧାପାଇଁ ଖାଇବା ସଜାଡ଼ି ପଠାଇଦେଲେ ଓ ଠାକୁରଘରକୁ ଯାଇ ବେକରେ ଲୁଗାକାନୀ ଗୁଡ଼େଇ ସାଷ୍ଟାଙ୍ଗ ପ୍ରଣିପାତ ହୋଇ କହିଲେ, "ହେ ମା ଓଡ଼ିଶା ! ହେ ଜଗନ୍ନାଥ ! ସେମାନଙ୍କୁ କ୍ଷମା ଦିଅ । ତଥାପି ବି ସେମାନେ ସନ୍ତାନ । ସେମାନଙ୍କୁ ସଦ୍‌ବୁଦ୍ଧି ଦିଅ । ତମେ ଦୟାକଲେ ନିଶ୍ଚୟ ସେମାନଙ୍କ ହୃଦୟ ବିଗଳିତ ହେବ । ନିଜକୁ ବିଦେଶୀ ସଂସ୍କୃତିର ଅନ୍ଧ ପଦଲେହନକାରୀ ଭାବେ ନିଃଶେଷ ନ କରି ସେମାନେ ନିଜ ମୌଳିକ ସଂସ୍କୃତିର ଉନ୍ନତ ମହିମା ଅକ୍ଷୁର୍ଣ୍ଣ ରଖିବେ, ନିଜ ମାତୃଭାଷା ଓ ମାତୃପରିଚୟ ଦେବାରେ ଗର୍ବ ଅନୁଭବ କରିବେ । ମୋର ବିଶ୍ୱାସ, ସେମାନଙ୍କ ଭୁଲ୍ ସେମାନେ ନିଶ୍ଚୟ ବୁଝିବେ ଓ ନିଜକୁ ସୁଧାରିବେ । ନିଜକୁ ବିଦେଶବାସୀ

ଓଡ଼ିଆ ବୋଲି ନ କହି ଏବଂ ନିଜ ନିଜକୁ ବିଦେଶମାଟିରେ ଓଡ଼ିଆର ଶେଷ ପିଢ଼ି ନ ବନେଇ, ଭବିଷ୍ୟ ପିଢ଼ିକୁ ମଧ୍ୟ ଓଡ଼ିଆ ଭାବେ ଗଢ଼ିବେ । ନିଜ ପିଢ଼ିରେ ନିଜ ମାତୃଭାଷାକୁ ଶେଷ ନ କରି ଆଗାମୀ ପିଢ଼ିକୁ ଦେବେ ମାତୃଭାଷାର ଉତ୍ତରାଧିକାର । ଅନନ୍ୟ ଐତିହ୍ୟର ଅଧିକାରୀ ଏହି ସୁନ୍ଦର, ଆଳଙ୍କାରିକ ଅଥଚ ଲଳିତ କୋମଳ ଭାଷା ଆହୁରି ସମୃଦ୍ଧ ହେବ, ଋଦ୍ଧିମନ୍ତ ହେବ । ହେ ମା ଓଡ଼ିଶା, ହେ ଜଗନ୍ନାଥ, ଏତିକି ଦୟାକର, ଏତିକି ଦୟାକର ।"

ସଂପର୍କ -    tigiriaa@gmail.com

ଦୂରଭାଷ – 9437308589